# Akashvani, Sambalpur

## SAMBALPURI NEWS BULLETIN

### 17 December 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଗସ୍ତ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ଠାନୁ ୩ ଦିନିଆ କେନ୍ଦୁଝର୍ ଗସ୍ତଥି ଯାଉଛନ୍ । ଆଏଜ୍ ସଖାଲ ବେଲା କେନ୍ଦୁଝର ଅଶୋକ୍ବାଟିକା ନ ହେଉଥିବା ୭ ନମ୍ବର୍ ସର୍ବଭାରତୀୟ ସାନ୍ତାଳି ଲେଖକ୍ ସମ୍ମିଳନୀଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ଇତାର୍ ଉତ୍ରୁ ମୁକୁନା ସତ୍ୟନାରାୟଣ୍ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ୍ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ହାବିଲ୍ଦାର୍ ମହାସଂଘ ବାର୍ଷିକ୍ ଉତ୍ସବ୍- ମୁଖ୍ୟମନ୍ତ୍ରୀ

ଆର୍ଏନ୍ୟୁ /ସମ୍ବଲପୁର

ପୁଲିସ୍ ହାବିଲ୍ଦାର୍, କନ୍ଷ୍ଟେବଲ୍ ଆର୍ ସିପାହୀମାନେ ଏତ୍କର ଆଘୋନୁ ମିଲୁଥିବା ଗୁଟେ ମାସର୍ ଅଏତ୍କା ଦର୍ମା ନୂଆଁ ବେତନ ହାରଥି ପାଏବେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ

ସୂଚ୍‌ନା ଦେଇଛନ୍ । ଇତାର୍‌ସହେତେ ହାବିଲ୍‌ଦାର୍ ଆର୍ କନ୍‌ଷ୍ଟେବଲ୍‌ମାନେ ଆଘୋନୁ ସାଇକଲ୍ ଭତା ବାବ୍‌ଦେ ୩ ଶହ ଟଙ୍କା ପାଉଥିବାର୍ ବେଲେ ଇହାଦେ ମୋଟର୍ ସାଇକଲ୍ ଭତା ବାବ୍‌ଦେ ହଜାରେ ଟଙ୍କା ପାଏବେ । ସେନ୍ତା ପୋଷାକ୍ ଆର୍ ଜୁତା ବାବ୍‌ଦେ ୫ ହଜାର୍ ଟଙ୍କା ବଦ୍‌ଲେ ୧୦ ହଜାର୍ ଟଙ୍କା ପାଏବେ ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ହାବିଲ୍‌ଦାର୍, କନ୍‌ଷ୍ଟେବଲ୍ ଆର୍ ସିପାହୀ ମହାସଂଘର୍ ୪୫ ତମ ବାର୍ଷିକ୍ ଉସ୍ବବ୍‌ଥି ଗଲାକାଏଲ୍ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ରାଜ୍ୟ ପ୍ରଗତିର୍ ଲାଗି ସବୁନୁ ମହତ୍ୱପୂର୍ଣ୍ଣ ଭୂମିକା ରାଜ୍ୟର୍ ପୁଲିସ୍ ବଲ ତୁଲଉଛନ୍ । ଇ ପୁଲିସ୍ ବିଭାଗ୍‌ଥି କନ୍‌ଷ୍ଟେବଲ୍ ଆର୍ ସିପାହୀମାନେ ସବୁନୁ ଜହ ଦାୟିତ୍ୱ ତୁଲଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଏନ୍‌ସିଇଆର୍‌ଟି କାର୍ଯ୍ୟକ୍ରମ୍-କେନ୍ଦ୍ରମନ୍ତ୍ରୀ  ପି.ଆଇ.ବି.

ଏନ୍‌ସିଇଆର୍‌ଟି ହେଉଛେ ଭାରତ୍‌ର ଗୌରବ୍ ଆର୍ ଦେଶର୍ ଶିକ୍ଷା ବ୍ୟବସ୍ଥାର୍ ନିହି । ଇଟା ଦେଶର୍ ଗୁଟେ ସାମୂହିକ୍ ଶୈକ୍ଷିକ୍ ଭଣ୍ଡାର୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ଏନ୍‌ସିଇଆର୍‌ଟି ର ୯ ଶହଟା ସିଟ୍

ଥିବା ଗୁଟେ ନୂଆଁ ଅଡ଼ିଟୋରିୟମ୍ ଭମିପୂଜନ୍ ଆର୍ ଭିନ୍ ଭିନ୍ ଶିକ୍ଷା ସମ୍ବନ୍ଧିତ୍ କାର୍ଯ୍ୟକ୍ରମ୍ ମୁଲ୍ କର୍ବାର୍ ଉଧେ କେନ୍ଦ୍ରମନ୍ତ୍ରୀ ଇଟା କହିଛନ୍ । ଇ ଅବ୍ସରେ କେନ୍ଦ୍ରମନ୍ତ୍ରୀଙ୍କର୍ ଉପସ୍ଥିତିଥି ଏନ୍ସିଇଆର୍ଟି ଆର୍ ଇ-କମର୍ସ ପ୍ଲାଟ୍ଫର୍ମ- ଫ୍ଲିପ୍କାର୍ଟ ଭିତ୍ରେ ଗୁଟେ ଚୁକ୍ତି ହେଇଛେ ।

ଇ-ଗଭର୍ଣ୍ଣାନ୍ସ କର୍ମଶାଳା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସୂଚନା ବିଜ୍ଞାନ୍ କେନ୍ଦ୍ର- ଏନ୍ଆଇସି ଠାନେ ଆୟୋଜିତ୍ ୩ ଦିନିଆ ଇ-ଗଭର୍ଣ୍ଣାନ୍ସ କର୍ମଶାଳା ଗଲାକାଏଲ୍ ଉଦ୍ଘାଟିତ୍ ହେଇଯାଇଛେ । ଇ ସମ୍ମିଳନୀ ଆର୍ ପ୍ରଦର୍ଶନୀକେ ଓଡ଼ିଶା ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଉଦ୍ଘାଟନ୍ କରିକରି କୃତ୍ରିମ ବୁଦ୍ଧିମତା - ଏଆଇ ଆର୍ ଅଲ୍ଗା କେତେଟା ଟେକ୍ନୋଲୋଜିକେ ବେଭାର୍ କରିକରି ରାଏଜେ ଭିନ୍ ଭିନ୍ ଜନକଲ୍ୟାଣ୍ ଯୋଜ୍ନାର୍ କାର୍ଯ୍ୟାନ୍ୱୟନ୍ କେନ୍ତା ତ୍ୱରିତ କରାଯାଇପାର୍ବା ସେ ବାବ୍ଦେ କହିଥିଲେ ।

ଫିଟ୍ ଇଣ୍ଡିଆ ସାଇକଲ୍ ଚାଲ୍ନା ପି.ଆଇ.ବି.

କେନ୍ଦ୍ର ଯୁବ ବ୍ୟାପାର୍ ଆର୍ କ୍ରୀଡ଼ାମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ ଆଏଜ୍ ଫିଟ୍ ଇଣ୍ଡିଆ ସାଇକଲ୍ ଚାଲ୍‌ନା କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ସାଇକ୍ଲିଂ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ମାଇଁ ଭାରତ୍, ଆଂଚଲିକ୍ ସାଇ ଜାତୀୟ ଉତ୍କର୍ଷ କେନ୍ଦ୍ର, ଖେଲୋ ଇଣ୍ଡିଆ କେନ୍ଦ୍ର, ଆର୍ ଜିଲ୍ଲା ପ୍ରଶାସନ୍‌ର ମିଲିତ୍ ସହଯୋଗ୍‌ଥି ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଳୟ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ୧ ହଜାର୍ ଠାନେ ଭିନ୍ ଭିନ୍ ଆଂଚଲିକ୍ କେନ୍ଦ୍ରମାନ୍‌କେ ଇ କାର୍ଯ୍ୟକ୍ରମ୍ ହେବା ।

ମିଥେନ୍ ଗେସ୍ ପ୍ଲାଂଟ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସମ୍ବଲ୍‌ପୁର୍, ପୁରୀ, କୋଣାର୍କ, କଟକ୍, ବ୍ରହ୍ମପୁର୍ ନ ବାୟୋ ମିଥେନ୍ ପ୍ଲାଂଟ୍ ଥାପ୍‌ନା କର୍‌ବାର୍‌କେ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର- ଅଏଲ୍ ଇଣ୍ଡିଆ ଲିମିଟେଡ୍‌କେ ପ୍ରସ୍ତାବ୍ ଦେଇଛନ୍ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଜାଗା ଯୁଗେଇ ଦେବେ ବଲି ମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ପହେଲା ମିଥେନ୍ ଗେସ୍ ପ୍ଲାଂଟ୍ ଭୁବ୍‌ନେଶ୍ୱର୍ ନ ଖୁଲ୍‌ବାର୍‌କେ ଯାଉଛେ । ଇଥିର୍‌ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଆର୍ ଅଏଲ୍ ଇଣ୍ଡିଆ ଭିତ୍‌ରେ ବୁଝାମଣାପତ୍ର

ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଯୋଗ୍ ଦେଇକରି ଇ ବାବଦ୍ ପ୍ରସ୍ତାବ୍ ରଖ୍‌ଥିଲେ ।

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ବୈଠକ୍

ଆର୍‌ଏନ୍‌ୟୁ /ସମ୍ବଲପୁର

ଇ ବଛର୍ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଗାନ୍ଧୀ ମାର୍ଗ ଠାନେ ପ୍ରଜ୍ଞାପନ୍ ମେଢ଼୍ ସାମିଲ୍ ହେବା । ଇ ଉଲ୍‌ଗୁନେ ପେରେଡ୍ ସହେତେ ଇ ପ୍ରଜ୍ଞାପନ୍ ମେଢ଼୍ ମାନେ ଉତ୍ସବ୍‌ର ମୁଖ୍ୟ ଆକର୍ଷଣ୍ ହେବା । ଇଥି ରାଜ୍ୟର୍ ଐତିହ୍ୟ, ପରାମ୍ପରା, ଅସ୍ମିତା ଆର୍ ବିକାଶ୍‌ର ରୂପରେଖ ପ୍ରଦର୍ଶିତ ହେବା । ଇ ବାବ୍‌ଦେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ପ୍ରମୁଖ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରାରମ୍ଭିକ ବୈଠକ୍ ଗଲାକାଏଲ୍ ଅନୁଷ୍ଠିତ୍ ହେଇଯାଇଛେ ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ୬ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ୍-୨୦୨୪ ଆଏଜ୍ ଉଦ୍‌ଯାପିତ୍ ହେବା । ଇ ଉତ୍ସବ୍‌ଥି ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ଭୁବ୍‌ନେଶ୍ୱର୍ ପ୍ରଦର୍ଶନୀ ପଡ଼ିଆ ନ ଗଲା ୬ ତାରିଖ୍‌ନୁ ରାଜ୍ୟ ପୁସ୍ତକ ମହୋତ୍ସବ୍ ମୁଲ୍ ହେଇଥିଲା ।

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି ପୁରୀ ସମ୍ବାଦଦାତା

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଆଏଜ୍‌ଠାନୁ ମୁଲ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ରତ୍ନଭଣ୍ଡାର୍ ମରାମତିର୍ ସବୁ ପଦକ୍ଷେପ୍ ନିଆଯିବା । ସେଆଡ଼େ ମରାମତି ସମିଆଥି ସାଧାରଣ୍ ଭକ୍ତ ଆର୍ ଶ୍ରଦ୍ଧାଳୁମାନେ ବାହାରକାଠ ପାଖେ ମାହାପୁରୁମାନ୍‌କୁ ଦର୍ଶନ୍ କରିପାର୍‌ବେ । ଫିଂ' ଦିନ ଦ୍ୱିତୀୟ ଭୋଗ ମଣ୍ଡପ୍ ନୀତି ଉତ୍‌ରୁ ସମିଆ ଦେଖିକରି ଏଏସ୍‌ଆଇ ତର୍‌ଫୁ ୫ ଘଂଟା ଲେଖା ମରାମତି କାମ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ । ଦିନର୍ ସାଢ଼େ ୧୨ ବଜେ ଉତ୍‌ରୁ ବେଲ୍‌ବୁଡ଼ର୍ ୬ ବଜେତକ୍ ମରାମତି କାମ୍ କରାଯିବା ବଲି ସମିଆ ଧାରିଜ୍ କରାଯାଇଛେ ।

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ବରପୁତ୍ର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କର୍ ଆଏଜ୍ ହେଉଛେ ଜୟନ୍ତୀ । ଇ ଅବ୍‌ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ଆର୍ ମୟୁର୍‌ଭଞ୍ଜ୍ ସାଂସ୍କୃତିକ୍ ସଂସଦ୍ ତର୍‌ଫୁ ଭୁବ୍‌ନେଶ୍ୱର୍  ଜୟଦେବ୍ ଭବନ୍ ନ ଗୁଟେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ହେବା । ଇଥି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏଜ୍ କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ୍‌ର ଗୁଟେ ଜୁଡ଼େ ଜାଗା ନ ଟିକେ ନୁ ବହଲିଆ କୁହୁଡ଼ି ଦେଖାଯିବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା କୋରାପୁଟ୍, କନ୍ଧମାଲ୍ ନ ବହଲିଆ କୁହୁଡ଼ି ଦେଖାଯିବାୟ ବଲି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।